### ୮ ଡ଼ିସେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
### ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ଓ୍ୱହଦ୍ ଯୁଦ୍ଧକୁ ପ୍ରସ୍ଥାନ ସମୟରେ ଘଟିଥିବା ଘଟଣାବଳୀର ଆଲୋଚନା ଏବଂ ଫିଲିସ୍ତିନ୍‌ର ନିରୀହ ଲୋକମାନଙ୍କ ସକାଶେ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଊଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ଓହଦ୍ ଯୁଦ୍ଧ ସଂକ୍ରାନ୍ତରେ ଆଲୋଚନା ଚାଲିଥିଲା । ସେହି ପରିପେକ୍ଷୀରେ ହଜରତ ମୁସଲେହ ମଉଦ[ର.ଅ] ଯାହା ବର୍ଣ୍ଣନା କରିଛନ୍ତି ତାହା ସଂକ୍ଷିପ୍ତ ରୂପେ ଦର୍ଶାଇ ଦେଉଛି । ଆପଣ[ର.ଅ] କୁହନ୍ତି; ଅମାନ୍ୟକାରୀଙ୍କ ସେନା ବଦର ଯୁଦ୍ଧରୁ ପଳାୟନ କରିବା ସମୟରେ ଏହି ଘୋଷଣା କରିଥିଲେ ଯେ, ଆସନ୍ତା ବର୍ଷ ଆମେ ପୁନର୍ବାର ମଦିନା ଉପରେ ଆକ୍ରମଣ କରିବୁ ଏବଂ ମୁସଲମାନମାନଙ୍କ ଠାରୁ ନିଜ ପରାଜୟର ପ୍ରତିଶୋଧ ନେବୁ । ଅତଏବ ବର୍ଷକ ପରେ ସେମାନେ ପୂର୍ଣ୍ଣ ପ୍ରସ୍ତୁତି କରି ପୁନଶ୍ଚ ମଦିନା ଉପରେ ଆକ୍ରମଣ କଲେ । ମକ୍କାବାସୀଙ୍କ କ୍ରୋଧର ଅବସ୍ଥା ଏପରି ଥିଲା ଯେ, ବଦର ଯୁଦ୍ଧ ପରେ ସେମାନେ ଘୋଷଣା କରି ଦେଇଥିଲେ କି କୌଣସି ବ୍ୟକ୍ତିକୁ ନିଜ ନିହତ ପରିଜନଙ୍କ ପାଇଁ ଶୋକ କିମ୍ବା ରୋଦନ କରିବାର ଅନୁମତି ନାହିଁ । ଆଉ ଯେଉଁ ବ୍ୟବସାୟୀ ଦଳ (ମକ୍କା) ଆସିବେ ସେମାନଙ୍କ ଠାରୁ ଯୁଦ୍ଧ ପ୍ରସ୍ତୁତି ନିମନ୍ତେ ଅର୍ଥ ହାସଲ କରାଯିବ । ବସ୍ତୁତଃ ବେଶ ଯୋଜନାବଦ୍ଧ ଭାବରେ ଅବୁ ସୁଫୟାନ୍‌ଙ୍କ ନେତୃତ୍ୱରେ ତିନି ହଜାରରୁ ଅଧିକ ସୈନିକଙ୍କର ଏକ ବିଶାଳ ସେନା ବାହିନୀ ମଦିନା ଆଡ଼କୁ ଅଗ୍ରସର ହେଲା ।

ଏହି ସୂଚନା ମିଳିବା ପରେ ହଜରତ ମୁହମ୍ମଦ[ସ.ଅ] ନିଜ ସାହାବାମାନଙ୍କ ସହିତ ପରାମର୍ଶ କଲେ, କି ଆମେ ମଦିନାରେ ରହି ଶତ୍ରୁର ମୁକାବିଲା କରିବା ନା ମଦିନା ବାହାରକୁ ଚାଲିଯାଇ ମୁକାବିଲା କରିବା ଉଚିତ୍ ହେବ । ହଜୁର [ସ.ଅ]ଙ୍କର ନିଜସ୍ୱ ଚିନ୍ତାଧାରା ଥିଲା କି ଶତ୍ରୁକୁ ଆକ୍ରମଣ କରିବାକୁ ଦେବା ଯଦ୍ୱାରା ଯୁଦ୍ଧର ସୂତ୍ରପାତ ପାଇଁ ସେହିମାନେ ଦାୟୀ ହେବେ ଏବଂ ମୁସଲମାନମାନେ ନିଜ ଘରେ ବସି ଶତ୍ରୁର ମୁକାବିଲା କରିବେ । କିନ୍ତୁ ସେହି ଯୁବକମାନେ ଯେ ବଦର ଯୁଦ୍ଧରେ ସାମିଲ ନଥିଲେ ଏବଂ ଯେଉଁମାନଙ୍କ ହୃଦୟରେ ପ୍ରଭୁଙ୍କ ମାର୍ଗରେ ଶହିଦ୍ ହେବାର ଉତ୍କଣ୍ଠା ତୀବ୍ରତାର ସହ ଉନ୍ମାଦ ମାରୁଥିଲା । ସୁତରାଂ ସେମାନେ ନିଜ ଭୀଷଣ ଅଭିଳାଷ ପ୍ରକଟ କଲେ କି ମଦିନା ବାହାରେ ଯାଇ ଶତ୍ରୁର ମୁକାବିଲା କରିବା । ଏହି ଅବସରରେ ହଜୁର[ସ.ଅ] ନିଜର ଏକ ସ୍ୱପ୍ନର ବର୍ଣ୍ଣନା କରି କହିଲେ; ମୁଁ କିଛି ଗାଈଙ୍କୁ ଦେଖିଲି, ଯାହାଙ୍କୁ ଜେବହ କରାଯାଉଛି । ପୁନଶ୍ଚ ମୋ ଖଣ୍ଡାର ଅଗ୍ରଭାଗ ଭାଙ୍ଗି ଯାଇଛି । ସେଥିଅନ୍ତେ ମୁଁ ଏହି ଦୃଶ୍ୟ ମଧ୍ୟ ଦେଖିଲି ଯେ, ମୁଁ ନିଜ ହସ୍ତ ଏକ ମଜ୍‌ବୁତ୍ କବଚ ଭିତରେ ପ୍ରବିଷ୍ଟ କରାଇଛି । ଅଧିକନ୍ତୁ ଆପଣ[ସ.ଅ] ଏହା ଦେଖିଲି ଯେ, ନିଜ ମେଷ (ମେଣ୍ଢା) ଉପରେ ଆରୋହଣ କରିଛନ୍ତି । ଯେତେବେଳେ ସାହାବାମାନେ ଏହାର ତାତ୍ପର୍ଯ୍ୟ ପଚାରିଲେ, ଆପଣ[ସ.ଅ] କହିଲେ; ଗାଈ ଜେବହ କରାଯିବାର ତାତ୍ପର୍ଯ୍ୟ ଏହିକି ଯେ, ଏହି ଯୁଦ୍ଧରେ ମୋର କିଛି ସାହାବା ଶହିଦ୍ ହେବେ । ଆଉ ଖଣ୍ଡାର ଅଗ୍ରଭାଗ ଭାଙ୍ଗିବା ପ୍ରତୀତ

ହେଉଛି, ମୋର ପ୍ରିୟଜନଙ୍କ ମଧ୍ୟରୁ କିଛି ବିଶେଷ ବ୍ୟକ୍ତି ଶହିଦ୍ ହେବେ । ଅଥବା ଏହି ଅଭିଯାନରେ ମୋର କିଛି ଅନିଷ୍ଟ ହେବ । ମଜ୍‌ବୁତ୍ କବଚ ଭିତରେ ହସ୍ତ ପ୍ରବେଶ କରିବା ଯଥାର୍ଥ ଆମର ମଦିନାରେ ରହି ଶତ୍ରୁର ମୁକାବିଲା କରିବା ଶ୍ରେୟସ୍କର ହେବ । ଆଉ ମେଣ୍ଢା ଉପରେ ଆରୋହଣ କରିବାରୁ ଜ୍ଞାତ ହେଉଛି ଅମାନ୍ୟକାରୀଙ୍କ ସରଦାର୍ (ସେନାଧ୍ୟକ୍ଷ)କୁ ଆମେ ପରାସ୍ତ କରିଦେବା । ଏପରି ଏହି ସ୍ୱପ୍ନ ଦ୍ୱାରା ଆପଣ[ସ.ଅ] ମୁସଲମାନମାନଙ୍କ ଉପରେ ସ୍ପଷ୍ଟ କରିଦେଲେ ଯେ, ସେମାନଙ୍କର ମଦିନାରେ ରହି ଶତ୍ରୁର ମୁକାବିଲା କରିବା ଫଳପ୍ରଦ ସାବ୍ୟସ୍ତ ହେବ । କିନ୍ତୁ ଯେହେତୁ ସ୍ୱପ୍ନର ବ୍ୟାଖ୍ୟା ହଜରତ ମୁହମ୍ମଦ [ସ.ଅ]ଙ୍କର ନିଜସ୍ୱ ଥିଲା, କୌଣସି ଦିବ୍ୟବାଣୀ ହୋଇ ନଥିଲା । ତେଣୁ ଆପଣ ସଂଖ୍ୟାଗରିଷ୍ଠଙ୍କ ମତ ସ୍ୱୀକାର କଲେ ଏବଂ ଲଢ଼ିବା ପାଇଁ ମଦିନା ବାହାରକୁ ପ୍ରସ୍ଥାନ କଲେ ।

ଯେତେବେଳେ ମଦିନା ବାହାରେ ଶତ୍ରୁର ମୁକାବିଲା କରିବା ସ୍ଥିର ହୋଇଗଲା ଏବଂ ଆପଣ[ସ.ଅ] ସାହାବାଙ୍କୁ ଯୁଦ୍ଧ ପ୍ରସ୍ତୁତି ନିମନ୍ତେ ଆଦେଶ ଦେବା ସହିତ ସ୍ୱୟଂ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଦେଲେ । ସେତେବେଳେ ହଜରତ ସାଦ୍ ବିନ୍ ମାଜ୍[ର.ଅ] ଓ ହଜରତ ଉସେଦ୍ ବିନ୍ ହଜିର୍[ର.ଅ] ଲୋକମାନଙ୍କୁ କହିଲେ, ତୁମେମାନେ ହଜୁର [ସ.ଅ]ଙ୍କୁ ତାଙ୍କ ଇଚ୍ଛା ବିପରୀତ ମଦିନା ବାହାରେ ଶତ୍ରୁର ମୁକାବିଲା କରିବା ପାଇଁ ବାଧ୍ୟ କଲ । ତେଣୁ ଏବେ ମଧ୍ୟ ସମୟ ଅଛି ତୁମେ ଯାଇ ହଜୁର [ସ.ଅ]ଙ୍କୁ ଠାରୁ କ୍ଷମା ଭିକ୍ଷା କରି ତାଙ୍କ ମନବାଞ୍ଛା ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କର । କାରଣ ଆପଣ[ସ.ଅ] ଯାହା ନିଷ୍ପତ୍ତି ଦେବେ ସେହିଥିରେ ହିଁ ଆମର ହିତ (ମଙ୍ଗଳ) ଅନ୍ତର୍ନିହିତ । ତେବେ ଯେତେବେଳେ ହଜୁର[ସ.ଅ] ଗୃହରୁ ବାହାରିଲେ ଆପଣ ଯୁଦ୍ଧବସ୍ତ୍ର ପରିଧାନ କରିଥିଲେ ସେତେବେଳେ ଲୋକମାନେ ନିଜ ଆଚରଣ ଯୋଗୁଁ କ୍ଷୋଭ ପ୍ରକାଶ କଲେ, ଏଥିରେ ହଜୁର[ସ.ଅ] କହିଲେ; **ପଭୁଙ୍କ ଅବତାର ନିମନ୍ତେ ଏହା ବିଧିସମ୍ମତ ନୁହେଁ ଯେ, ଅସ୍ତ୍ର ଧାରଣ କରିବା (ଯୁଦ୍ଧ କ୍ଷେତ୍ରକୁ ପାଦ କାଢ଼ିବା) ପରେ ସେପର୍ଯ୍ୟନ୍ତ ତାହାକୁ ଓହ୍ଲାଇବ ନାହିଁ ଯେପର୍ଯ୍ୟନ୍ତ ପରମେଶ୍ୱର ତାହା ଓ ତାହାର ଶତ୍ରୁ ମଧ୍ୟରେ ନିଷ୍ପତ୍ତି କରିଦେଇ ନାହାନ୍ତି ।**

ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ] ସାହାବାମାନଙ୍କ ସହିତ ଯୁଦ୍ଧ କ୍ଷେତ୍ରକୁ ପ୍ରସ୍ଥାନ କରିବା ସମୟରେ ତିନୋଟି ବର୍ଚ୍ଛା ମଗାଇଲେ ଏବଂ ସେଥିରେ ତିନୋଟ ଧ୍ୱଜା ବାନ୍ଧିଲେ । କବିଲା ଅଓ୍ୱସର ଧ୍ୱଜା ହଜରତ ଉସେଦ୍ ବିନ୍ ହଜିର୍ [ର.ଅ]ଙ୍କୁ ପ୍ରଦାନ କଲେ, କବିଲା ଖଜ୍‌ରଜ୍‌ର ଧ୍ୱଜା ହଜରତ ଅହବାବ୍ ବିନ୍ ମୁନଜିର [ର.ଅ]ଙ୍କୁ ପ୍ରଦାନ କଲେ ଏବଂ ପ୍ରବାସକାରୀଙ୍କ ଧ୍ୱଜା ହଜରତ ଅଲୀ [ର.ଅ]ଙ୍କୁ ପ୍ରଦାନ କଲେ । ସେଥିଅନ୍ତେ ମଦିନାରେ ରହି ଯାଇଥିବା ଲୋକମାନଙ୍କୁ ନମାଜ ପଢ଼ାଇବା ନିମନ୍ତେ ହଜରତ ଉମ୍ମେ ମକ୍‌ତୁମ୍ [ର.ଅ]ଙ୍କୁ ନିଜ ପ୍ରତିନିଧି ରୂପେ ମୁତୟନ କରିଗଲେ । ମୁସଲମାନମାନଙ୍କ ସେନାରେ ଦୁଇଟି ଘୋଡ଼ା ଓ ୧୦୦ଜଣ କବଚ ପରିଧାନକାରୀ ସଶସ୍ତ୍ର ସୈନିକ ରହିଥିଲେ ।

ମାର୍ଗରେ ହିଁ ୟହୁଦିମାନଙ୍କର ଏକ ଦଳ ମୁସଲମାନମାନଙ୍କ ପକ୍ଷରୁ ଯୁଦ୍ଧ ଲଢ଼ିବା ନିମନ୍ତେ ଆସି ମିଶିବାକୁ ଅନୁମତି ମାଗିଲେ **କିନ୍ତୁ ଅମାନ୍ୟକାରୀଙ୍କ ମୁକାବିଲାରେ ହଜୁର[ସ.ଅ] ୟହୁଦିମାନଙ୍କ ସାହାଯ୍ୟ ସ୍ୱୀକାର କଲେ ନାହିଁ ।** ଏହିପରି ହଜୁର[ସ.ଅ] ପନ୍ଦର ବର୍ଷରୁ କମ୍ ବୟସ୍କ ଯୁବକମାନଙ୍କୁ ମଧ୍ୟ ଯୁଦ୍ଧରେ ଅଂଶ ଗ୍ରହଣ କରିବାକୁ ମନା କରି ସେମାନଙ୍କୁ ମଦିନା ଫେରି ଯିବାକୁ ଆଦେଶ ଦେଲେ । ରାତ୍ରି ଅତିବାହିତ କରିବା ନିମନ୍ତେ ମୁସଲମାନମାନଙ୍କ ସେନା ଯେତେବେଳେ ଅବସ୍ଥାନ କଲେ ସେତେବେଳେ ହଜୁର[ସ.ଅ] ହଜରତ ମୁହମ୍ମଦ ବିନ୍ ମୁସେଲମାଃ [ର.ଅ]ଙ୍କ ନେତୃତ୍ୱରେ ୫୦ଜଣ ସିପାହୀଙ୍କୁ ପହରା ଦେବା ନିମନ୍ତେ ମନୋନିତ କଲେ । ଯେ ସାରା ରାତି ଇସଲାମୀୟ ସେନା ଚର୍ତୁପାର୍ଶ୍ୱରେ ସଜାଗ ସତର୍କ ହୋଇ ଜଗି ରହିଲେ ।

ଅବଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍ ତ ମୁସଲମାନମାନଙ୍କ ସାଥିରେ ଆସିଥିଲା । କିନ୍ତୁ ରାସ୍ତାରୁ ହିଁ ସେ ମଦିନା ଫେରି ଯାଇଥିଲା । ଏହାର ବିସ୍ତୃତ ବିବରଣୀ ଏପରି ଉଲ୍ଲେଖ ରହିଛି ଯେ, ପ୍ରଭାତ ହେବା ପୂର୍ବରୁ (ସହ୍‌ରୀ ସମୟରେ) ହଜରତ ମୁହମ୍ମଦ[ସ.ଅ] ଶେଖୈନ୍ ଠାରୁ ଆଗକୁ ଅଗ୍ରସର ହେବା ନିମନ୍ତେ ସାହାବାଙ୍କୁ ନିର୍ଦ୍ଦେଶ ଦେଲେ ।

ଅତଏବ ସାହାବା ଆଗକୁ ବଢ଼ି ଚାଲିଲେ ଏବଂ ମଦିନା ଓ ଓ୍ୱହଦ୍ ମଧ୍ୟରେ ଶୋତ୍ ନାମି ଏକ ସ୍ଥାନରେ ନମାଜର ସମୟ ଆସିଯିବାରୁ ସେଠାରେ ସେମାନେ ନମାଜ ଫଜର୍ ପାଠ କଲେ । ଶୋତ୍ ସ୍ଥାନ (ଅସଲରେ) କନା ଓ ମଦିନାର ମଧ୍ୟବର୍ତ୍ତୀ ଏକ ଭୂ-ଖଣ୍ଡ । ସେହିଠାରୁ ଅବଦ୍ଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍ ନିଜ କପଟବିଶ୍ୱାସୀ ସାଥିମାନଙ୍କ ସହିତ ମିଶି ମଦିନା ଫେରିଗଲା । ପ୍ରତ୍ୟାବର୍ତ୍ତନ ସମୟରେ ସେ କହିଗଲା ଯେହେତୁ ମୁହମ୍ମଦ[ସ.ଅ] ମୋ କଥା ରଖିଲେ ନାହିଁ ଏବଂ ନିର୍ବୋଧ ଯୁବକମାନଙ୍କ ମତକୁ ପ୍ରାଧାନ୍ୟ ଦେଲେ । ତେଣୁ ଆମେ ଏହି ଅଣଅଭିଜ୍ଞ ପିଲାମାନଙ୍କ କଥାରେ ପଡ଼ି କିପରି ନିଜ ପ୍ରାଣର ଆହୁତି ଦେବୁ । ଅବଦ୍ଦୁଲ୍ଲାଃ ବିନ୍ ଅବି ସହିତ ତାହାର ସହଚରମାନେ (ମଦିନା) ଫେରି ଯିବା ପରେ ହଜୁର [ସ.ଅ]ଙ୍କ ନିକଟରେ ଆଉ ମାତ୍ର ୭୦୦ସୈନିକ ରହି ଯାଇଥିଲେ । ଏହି ଅବସରରେ ଅନସାର୍ମାନେ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ମତ ପ୍ରକାଶ କଲେ କି ମଦିନାରେ ଥିବା ଆମ ୟହୁଦି ସାଙ୍ଗସଖା ଓ ସମର୍ଥକମାନଙ୍କ ଠାରୁ ସାହାଯ୍ୟ ଲୋଡ଼ିଲେ ଭଲ ହୁଅନ୍ତା । **ଏଥିରେ ହଜୁର[ସ.ଅ] କହିଲେ; ଆମକୁ ତାଙ୍କର ସାହାଯ୍ୟ ଲୋଡ଼ା ନାହିଁ ।**

ହଜରତ ମୁହମ୍ମଦ[ସ.ଅ] ଫଜର୍ ନମାଜ ପଢ଼ାଇବା ପରେ ସାହାବାଙ୍କୁ ଦୀର୍ଘ ସମୟ (ବ୍ୟାପକ ରୂପେ) ପ୍ରବଚନ ଦେଲେ । ଯେଉଁଥିରେ ମୁସଲମାନମାନଙ୍କ ନିମନ୍ତେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ରହିଥିଲେ ଯେ, କିପରି ଧାର୍ମିକ ଶିକ୍ଷାର ପାଳନ କରିବ । ଏହି ଯୁଦ୍ଧରେ କୁରୈଶ ସହିତ ବନୁ ତହାମା ଓ ବନୁ କନାନା କବିଲା ମଧ୍ୟ ସାମିଲ ଥିଲେ, ଏପରି ମୋଟ ଅମାନ୍ୟକାରୀଙ୍କ ସୈନ୍ୟ ସଂଖ୍ୟା ୩୦୦୦ ଥିଲା ଏବଂ ସେମାନେ ସଭିଏଁ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଥିଲେ । ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଏହି ଯୁଦ୍ଧର ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ସେଥିଅନ୍ତେ ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] ଫିଲିସ୍ତିନ ବାସୀଙ୍କ ନିମନ୍ତେ ଦୁଆ କରିବାର ଆହ୍ୱାନ ଦେଲେ । ଅଧିକନ୍ତୁ କହିଲେ; ବିଗତ ଦିନରେ ଯୁଦ୍ଧ ବିରତିର ସମୟସୀମା ଶେଷ ହେବା ପରେ ଯେପରିକି ଆମର ଧାରଣ ରହିଥିଲା ସେହିପରି ହିଁ ଘଟୁଅଛି । ଇସ୍ରାଇଲ୍ ପ୍ରଶାସନ ପୂର୍ବାପେକ୍ଷା ଗାଜାର ପ୍ରତ୍ୟେକ ସ୍ଥାନରେ ଭୀଷଣ ଗୋଳାବାରୁଦ ବର୍ଷଣ କରୁଅଛି । ଯଦ୍ୱାରା ନିରୀହ ଶିଶୁ ଓ ସହରୀମାନେ ଶହିଦ୍ ହେଉଛନ୍ତି । ବର୍ତ୍ତମାନ ଏହି ଅତ୍ୟାଚାର ବିରୁଦ୍ଧରେ ଆମେରିକାର ଜଣେ କଂଗ୍ରେସ ପ୍ରତିନିଧି ଯେ ସମ୍ଭବତଃ ୟହୁଦି ଧର୍ମାବଲମ୍ବୀ, ମତ ପ୍ରକାଶ କଲେ କି ଏବେ ବହୁତ ହୋଇଗଲା । ଆମେରିକା ଏବେ ଇସ୍ରାଇଲ୍‌କୁ ରୋକିବା ପାଇଁ ନିଜ ଭୂମିକା ଗ୍ରହଣ କରିବା ଉଚିତ୍ । ଆମେରିକାର ରାଷ୍ଟ୍ରପତି ମଧ୍ୟ ଧୀର ସ୍ୱରରେ ଏହି ବୟାନ ଦେଇଛନ୍ତି କି ଆଗକୁ ବୋମା ବର୍ଷଣ ବନ୍ଦ ହେବା ଉଚିତ୍ ଯାହାକି ଗାଜାର ଉଭୟ ଉତ୍ତର ଓ ଦକ୍ଷିଣ ପ୍ରାନ୍ତରେ ଅବ୍ୟାହତ ରହିଛି । ପ୍ରଥମେ ସେଠାକାର ସ୍ଥାନୀୟ ନିବାସୀମାନଙ୍କୁ କହୁଥିଲେ କି (ଗାଜାର) ଉତ୍ତର ପ୍ରାନ୍ତକୁ ଚାଲିଯାଅ ସେଠାରେ କିଛି ହେବ ନାହିଁ । କିନ୍ତୁ ଦେଖ ସେଠାରେ ମଧ୍ୟ ସମାନ ଅବସ୍ଥା ରହିଛି ।

ସେ ଯାହା ହେଉ ଆମେରିକାର ରାଷ୍ଟ୍ରପତିଙ୍କର ଏହି ଶବ୍ଦ କୌଣସି ମାନବୀୟ ସହାନୁଭୂତି ପାଇଁ ନୁହେଁ ଏହି ଭ୍ରାନ୍ତ ଧାରଣାରେ କେହି ନରୁହନ୍ତୁ । **ବରଂ ଏଥିରେ ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପ୍ରଚ୍ଛନ୍ନ ରହିଛି,** ଆସନ୍ତାରେ ସେଠାରେ ନିର୍ବାଚନ ହେବ । ତେଣୁ ସେମାନେ ନିଜ ଭୋଟ ସୁରକ୍ଷିତ ରଖିବା ନିମନ୍ତେ ଏସବୁ କରୁଛନ୍ତି । ନଚେତ୍ ତାଙ୍କୁ ଫିଲିସ୍ତିନବାସୀ ଅଥବା ମୁସଲମାନମାନଙ୍କ ସହିତ କୌଣସି ସହାନୁଭୂତି ନାହିଁ ।

ପୁନଶ୍ଚ ମୁସଲମାନ ରାଷ୍ଟ୍ରମାନଙ୍କ ସ୍ୱର କିଞ୍ଚିତ ମାତ୍ରାରେ ପ୍ରଭାବିତ କରିବା ପରି ଦୃଶ୍ୟମାନ ହେଉଛି । କିନ୍ତୁ ଯେପର୍ଯ୍ୟନ୍ତ ସେମାନେ ଏକ ହୋଇ ଏହି ଯୁଦ୍ଧକୁ ବନ୍ଦ କରିବା ପାଇଁ ଉଦ୍ୟମ ନକରିଛନ୍ତି କୌଣସି ସୁଫଳ ମିଳିବ ନାହିଁ । ଅଲ୍ଲାଃତାଲା ମୁସଲମାନମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିଦିଅନ୍ତୁ । ଅଣ ମୁସଲମାନମାନଙ୍କୁ ଜଣା ଯେ, ମୁସଲମାନମାନଙ୍କ ମଧ୍ୟରେ ଏକତା ନାହିଁ, ସେମାନେ ପରସ୍ପରର ରକ୍ତପିପାସୁ ଅଟନ୍ତି । ଦେଖ ୟମନ୍‌ରେ କ'ଣ

ବା ନଘଟୁଛି, ସେହିପରି ଅନ୍ୟ ମୁସଲମାନ ରାଷ୍ଟ୍ରଗୁଡ଼ିକ ରହିଛି । ଯେଉଁସ୍ଥଳେ ସହସ୍ର ସଂଖ୍ୟାରେ ନିରୀହ ପିଲା ମୁସଲମାନମାନଙ୍କ ହସ୍ତରେ ହିଁ ଶହିଦ୍ ହେଉଛନ୍ତି ଏବଂ ଏହି ଘଟଣାମାନ ଅଣ ମୁସଲମାନମାନଙ୍କୁ ସାହସ ପ୍ରଦାନ କରୁଛି କି ଏମାନଙ୍କ ଉପରେ ଯେପରି ଅନ୍ୟାୟ ଅତ୍ୟାଚାର କଲେ କିଛି ହେବ ନାହିଁ । **ଯେତେବେଳେ ମୁସଲମାନମାନଙ୍କୁ ପରସ୍ପରର ରକ୍ତ ଓ ଧନଜୀବନର ପରବା ନାହିଁ ସେତେବେଳେ ଶତ୍ରୁ ବା କାହିଁକି ପରବା (ଭୃକ୍ଷେପ) କରିବ ।** ଅଲ୍ଲାଃତାଲା ତ ପବିତ୍ର କୁରଆନରେ ଅତି ଦୃଢ଼ତାର ସହ ଚେତାବନୀ ଦେଇଛନ୍ତି ଯେ, ଜଣେ ମୁସଲମାନକୁ ଆଉ ଜଣେ ମୁସଲମାନ ହତ୍ୟା କରିବା ତାହାକୁ ନର୍କଗାମୀ କରିଦେବ । ଅଲ୍ଲାଃତାଲା କରନ୍ତୁ କି ମୁସଲମାନମାନେ ଏକ ହୋଇ ଅନ୍ୟାୟ ଅତ୍ୟାଚାରର ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରନ୍ତୁ । ନା କି ଅତ୍ୟାଚାରୀତାରେ ବଢ଼ି ଚାଲନ୍ତୁ ।

ୟୁ.ଏନ୍.ଓ (ମିଳିତ ଜାତିସଂଘ) ନିଜ ସ୍ୱରରେ କିଛି ତେଜ ଉତ୍ପନ୍ନ କରିବାର ପ୍ରୟାସ କରିଛି କିନ୍ତୁ ସେମାନଙ୍କ ସ୍ୱର ବା କିଏ ଶୁଣୁଛି । ସେମାନେ କହି ତ ଥାନ୍ତି କି ଆମେ ଏମିତି କରିଦେବୁ ସେମିତି କରିଦେବୁ କିନ୍ତୁ କିଛି କରିପାରିବେ ନାହିଁ । କାରଣ ସେମାନଙ୍କ କଥାର କେହି ଖାତିର (ସ୍ୱୀକାର) କରୁ ନାହାନ୍ତି । ଶକ୍ତିଶାଳୀ ରାଷ୍ଟ୍ରମାନେ ବଳ ପ୍ରୟୋଗ କରି ନିଜ କଥା ମନେଇ ନେଇଥାନ୍ତି । ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ସେ ଯାହା ହେଉ ପୂର୍ବରୁ ମଧ୍ୟ ମୁଁ ଜମାଅତ ମାଧ୍ୟମରେ ବାର୍ତ୍ତା ପ୍ରେରଣ କରି ଥିଲି ଯେ, ଏହି ଅତ୍ୟାଚାରକୁ ବନ୍ଦ କରିବା ଓ ଶେଷ କରିବା ନିମନ୍ତେ ଆମମାନଙ୍କୁ ଦୁଆ କରିବା ସହିତ ନିଜ ପରିସର ମଧ୍ୟରେ ପ୍ରମୂଖ ବ୍ୟକ୍ତି ଓ ରାଜନେତାମାନଙ୍କୁ ସ୍ୱର ଉତ୍ତୋଳନ କରିବା ସକାଶେ ଧ୍ୟାନ ଆକର୍ଷିତ କରାଇବା ଉଚିତ୍ । ଏହିପରି ନିଜ ସାଙ୍ଗସାଥି ଓ ପରିଚିତଙ୍କ ମଧ୍ୟରେ ଏହାର ପ୍ରଚାର ପ୍ରସାର କରି ଏହି ଅତ୍ୟାଚାରକୁ ବନ୍ଦ କରିବା ପାଇଁ ଆମମାନଙ୍କୁ ପ୍ରୟାସ କରିବା ଉଚିତ୍ । ଅଲ୍ଲାଃତାଲା ନିରୀହମାନଙ୍କୁ ଅନ୍ୟାୟ ଓ ଅତ୍ୟାଚାରରୁ ଉଦ୍ଧାର କରନ୍ତୁ ।

ପରିଶେଷରେ ମହାମହିମ ହଜୁର ଅନଓ୍ୱର[ଅ.ବ] ଦୁଇ ମୃତକଙ୍କ ଜୀବନୀର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ସେମାନେ ହେଲେ ଶ୍ରୀମତୀ ମସଉଦାଃ ବେଗମ୍ ସାହେବା ପତ୍ନୀ ମୌଲାନା ଅବଦୁଲ୍ ହକିମ୍ ଅକମଲ୍ ସାହେବ ଯେ କି ହଲାଣ୍ଡରେ ସେବା ସମ୍ପାଦନ କରିଥିଲେ । ଦ୍ୱିତୀୟ ମୃତକ ହେଲେ ଶ୍ରୀମାନ ମାଷ୍ଟର ଅବଦ୍ଦୁଲ୍ ମଜିଦ୍ ସାହେବ ଯେ ଜଣେ ଜୀବନ ଉତ୍ସର୍ଗକାରୀ ଶିକ୍ଷକ ଥିଲେ । ତାଲିମୁଲ୍ ଇସଲାମ୍ ହାଇ ସ୍କୁଲ ରବଓ୍ୱାରେ ଶିକ୍ଷକତା କରୁଥିଲେ । ହଜୁର ଅନଓ୍ୱର[ଅ.ବ] ଉଭୟଙ୍କ ପାଇଁ କ୍ଷମା ପ୍ରାର୍ଥନା ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କରି, ତାଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
8th December 2023